



# ପ୍ରବେଶିକା ପତ୍ର

## ଶିକ୍ଷାବର୍ଷ - ୨୦୧୪-୧୫



# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର

ଭୀମଟାଙ୍ଗି, ଭୁବନେଶ୍ୱର-୨, ଦୂରଭାଷ : ୦୬୭୪-୨୫୯୨୬୩୨

ସ୍ଥାପିତ : ୧୯୯୩

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଭୀମଟାଙ୍ଗି, ଭୁବନେଶ୍ୱର

## ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଫଳ

| ମସିହା | ମୋଟ ପରୀକ୍ଷାର୍ଥୀ ସଂଖ୍ୟା | ଉତ୍ତୀର୍ଣ୍ଣ ସଂଖ୍ୟା | | | ମୋଟ ଉତ୍ତୀର୍ଣ୍ଣ | ଉତ୍ତୀର୍ଣ୍ଣ ର ଶତକଡା ହାର |
|---|---|---|---|---|---|---|
| | | ପ୍ରଥମ ଶ୍ରେଣୀ | ଦ୍ୱିତୀୟ ଶ୍ରେଣୀ | ତୃତୀୟ ଶ୍ରେଣୀ | | |
| ୨୦୦୨-୨୦୦୩ | ୧୭ | ୧୪ | ୦୩ | - | ୧୭ | ୧୦୦ |
| ୨୦୦୩-୨୦୦୪ | ୨୯ | ୨୨ | ୦୭ | - | ୨୯ | ୧୦୦ |
| ୨୦୦୪-୨୦୦୫ | ୩୬ | ୩୨ | ୦୩ | ୦୧ | ୩୬ | ୧୦୦ |
| | (ଓଡ଼ିଶାର ପ୍ରଥମ ୧୦ଜଣଙ୍କ ମଧ୍ୟରୁ ୬ଷ୍ଠ ଓ ୮ମ ସ୍ଥାନ) | | | | | |
| ୨୦୦୫-୨୦୦୬ | ୪୯ | ୪୭ | ୨ | - | ୪୯ | ୧୦୦ |
| ୨୦୦୬-୨୦୦୭ | ୬୧ | ୫୦ | ୯ | ୨ | ୬୧ | ୧୦୦ |
| | (ଓଡ଼ିଶାର ପ୍ରଥମ ୧୦ଜଣଙ୍କ ମଧ୍ୟରୁ ତୃତୀୟ ସ୍ଥାନ) | | | | | |
| ୨୦୦୭-୨୦୦୮ | ୮୬ | ୫୫ | ୩୦ | ୧ | ୮୬ | ୧୦୦ |
| | (ଓଡ଼ିଶାର ପ୍ରଥମ ୧୦ଜଣଙ୍କ ମଧ୍ୟରୁ ୧୦ମ ସ୍ଥାନ, ୧୦୦ଜଣଙ୍କ ମଧ୍ୟରୁ ୧୧ଶ ସ୍ଥାନ) | | | | | |
| ୨୦୦୮-୨୦୦୯ | ୯୮ | ୮୦ | ୧୭ | ୧ | ୯୮ | ୧୦୦ |
| | (ଓଡ଼ିଶାର ୧୦୦ଜଣଙ୍କ ମଧ୍ୟରୁ ୧୨ଶ ସ୍ଥାନ) | | | | | |
| ୨୦୦୯-୨୦୧୦ | ୧୦୬ | ୮୩ | ୨୧ | ୨ | ୧୦୬ | ୧୦୦ |
| | (ଓଡ଼ିଶାର ପ୍ରଥମ ୧୦୦ଜଣଙ୍କ ମଧ୍ୟରୁ ୧୪ଶ ସ୍ଥାନ) | | | | | |
| ୨୦୧୦-୨୦୧୧ | ୧୨୫ | ୯୭ | ୨୭ | ୬ | ୧୨୫ | ୧୦୦ |
| ୨୦୧୧-୨୦୧୨ | ୧୧୩ | ୮୫ | ୨୪ | ୦୪ | ୧୧୩ | ୧୦୦ |
| ୨୦୧୨-୨୦୧୩ | ୧୨୮ | ୧୦୮ | ୧୯ | ୦୧ | ୧୨୮ | ୧୦୦ |

# ଓଁ ସରସ୍ୱତ୍ୟୈ ନମଃ

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଭୀମଟାଙ୍ଗି, ଭୁବନେଶ୍ୱର ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଏକ ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନ । ଏହି ଶିକ୍ଷାନୁଷ୍ଠାନ ପ୍ରାଦେଶିକ ସ୍ତରରେ ଶିକ୍ଷାବିକାଶ ସମିତି, ଓଡ଼ିଶା ତଥା ଜାତୀୟ ସ୍ତରରେ ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନ 'ବିଦ୍ୟାଭାରତୀ' ସହିତ ସହବନ୍ଧିତ । ଏହା ୧୯୯୩ ମସିହାରୁ ସ୍ଥାପିତ ହୋଇ ଶିଶୁମାନଙ୍କର ଶୈକ୍ଷିକ ବିକାଶ କରିବା ସହିତ ସେମାନଙ୍କର ଶାରୀରିକ, ମାନସିକ, ବୌଦ୍ଧିକ ତଥା ଆଧ୍ୟାତ୍ମିକ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛି ।

## ଆମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ :

ଭାରତୀୟ ସଂସ୍କୃତି ଓ ଜୀବନ ଦର୍ଶନ ଅନୁରୂପ ସଂସ୍କାର ପଦ୍ଧତି ମାଧ୍ୟମରେ ଶିଶୁର ସର୍ବାଙ୍ଗୀନ ବିକାଶ ସାଧନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ମୁଖ୍ୟ ବୈଶିଷ୍ଟ୍ୟ । ଶିଶୁମାନଙ୍କର ଶୈକ୍ଷିକ ବିକାଶ ସହିତ ଶାରୀରିକ ବିକାଶ, ନୈତିକ ବିକାଶ ଓ ଆଧ୍ୟାତ୍ମିକ ବିକାଶ କରି ଶିଶୁକୁ ପ୍ରଗାଢ଼ ରାଷ୍ଟ୍ରପ୍ରେମରେ ଉଦ୍‌ବୁଦ୍ଧ କରି, ଏକ ପ୍ରତିଷ୍ଠିତ ସାମର୍ଥ୍ୟଶାଳୀ ରାଷ୍ଟ୍ରଭକ୍ତ ଯୁବ ସମାଜ ଗଠନ କରିବା ଆମର ମୁଖ୍ୟ ଉଦ୍ଦେଶ୍ୟ । ପରମ ବୈଭବଶାଳୀ ଭାରତ ଗଠନ ଆମର ଲକ୍ଷ୍ୟ ।

## ଶିକ୍ଷାଦାନ ବ୍ୟବସ୍ଥା :

**ଶିଶୁବାଟିକା :** ଶିଶୁର ସର୍ବାଙ୍ଗୀନ ବିକାଶ ପାଇଁ ପୂର୍ବ ପ୍ରାଥମିକ ଶିକ୍ଷାର ଆବଶ୍ୟକତା ଉପଲବ୍ଧି କରି ସରସ୍ୱତୀ ଶିଶୁ ମନ୍ଦିରରେ ଶିଶୁ ବାଟିକା ଯୋଜନା କାର୍ଯ୍ୟକାରୀ କରାଯାଉଛି । ଏହି ଯୋଜନା ମାଧ୍ୟମରେ ଶିଶୁର ରୁଚି ଓ ଗ୍ରହଣ କରିବାର କ୍ଷମତାକୁ ଦୃଷ୍ଟିରେ ରଖି ଖେଳ, ଗୀତ, କାହାଣୀ, ହସ୍ତକର୍ମ, ଭ୍ରମଣ ଓ ମୁକ୍ତ କ୍ରିୟା କଳାପ ଆଦି ଦ୍ୱାରା ଶିଶୁକୁ ଆନନ୍ଦ ଦାୟକ ତଥା ସୁସଂସ୍କାରର ବାତାବରଣ ମଧ୍ୟରେ ଶିଶୁର ବିକାଶ ପାଇଁ ସ୍ନେହସିକ୍ତ ପ୍ରୟାସ କରାଯାଏ । 'ଘର ହିଁ ବିଦ୍ୟାଳୟ, ବିଦ୍ୟାଳୟ ହିଁ ଘର' ଏହି ଅନୁଭବ ମଧ୍ୟରେ ଶିଶୁର କ୍ରମବିକାଶ ପାଇଁ ଯୋଜନାବଦ୍ଧ କାର୍ଯ୍ୟକ୍ରମର କ୍ରିୟାନ୍ୱୟନ, ପର୍ଯ୍ୟବେକ୍ଷଣ ଓ ମୂଲ୍ୟାୟନ କରାଯାଇଥାଏ । ଯଦ୍ୱାରା ଶିଶୁ ପ୍ରାଥମିକ ଶିକ୍ଷା ପାଇଁ ନିର୍ଭୀକ ଭାବେ ପୂର୍ଣ୍ଣ ପ୍ରସ୍ତୁତ ହୋଇଯାଏ ।

**ଶିଶୁମନ୍ଦିର ବିଭାଗ :** (ପ୍ରାଥମିକ ଶ୍ରେଣୀ)ରେ – ୧ମ ରୁ ୭ମ ଶ୍ରେଣୀଯାଏ :

**ବିଦ୍ୟାମନ୍ଦିର ବିଭାଗ :** (ଉଚ୍ଚ ବିଦ୍ୟାଳୟ)ରେ – ୮ମ ରୁ ୧୦ମ ଶ୍ରେଣୀଯାଏ :

ବିଦ୍ୟାଳୟର ଶିଶୁ ମନ୍ଦିର ବିଭାଗ ଓଡ଼ିଶା ସରକାରଙ୍କର ଶିକ୍ଷା ବିଭାଗ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଓ ବିଦ୍ୟା ମନ୍ଦିର ବିଭାଗର ଓଡ଼ିଶା ସରକାରଙ୍କର ଅନୁମତି ପ୍ରାପ୍ତ ଅଟେ ।

## ପାଠ୍ୟକ୍ରମ :

ଏଠାରେ ଓଡ଼ିଶା ସରକାରଙ୍କର ଶିକ୍ଷା ବିଭାଗ ଦ୍ୱାରା ପ୍ରଣୀତ ସମସ୍ତ ପାଠ୍ୟକ୍ରମ ଓ ପାଠ୍ୟ ପୁସ୍ତକ ପ୍ରଚଳନ କରାଯିବା ସହିତ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ଦ୍ୱାରା ପ୍ରଚଳିତ ପାଠ୍ୟ ପୁସ୍ତକ ଯଥା ହିନ୍ଦୀ, ସଂସ୍କୃତ, ଇଂରାଜୀ, ବିଜ୍ଞାନ, ବୈଦିକ ଗଣିତ, ମାନସାଙ୍କ ପ୍ରସୂନ, ନୀତିଶିକ୍ଷା, ସାଧାରଣଜ୍ଞାନ, ସଂସ୍କୃତିବୋଧ, ଚିତ୍ରାଙ୍କନ,

ହସ୍ତଲିପି, ଗୀତ ଆଦି ସ୍ୱତନ୍ତ୍ର ପାଠ୍ୟପୁସ୍ତକ ପ୍ରଚଳନ କରାଯାଉଛି । ୧ମ ଶ୍ରେଣୀରୁ ମୁଖ୍ୟ ବିଷୟ ଭାବେ ଇଂରାଜୀ ଓ ସଂସ୍କୃତ ବିଷୟରେ ଶିକ୍ଷାଦାନ ସହ ୨ୟ ଶ୍ରେଣୀରୁ ହିନ୍ଦୀ ବିଷୟରେ ଶିକ୍ଷାଦାନ ଦିଆଯାଏ ।

## କମ୍ପ୍ୟୁଟର ଶିକ୍ଷାଦାନ :

ଅଭିଜ୍ଞ କମ୍ପ୍ୟୁଟର ଶିକ୍ଷକଙ୍କ ତତ୍ତ୍ୱାବଧାନରେ ୪ର୍ଥ ଶ୍ରେଣୀରୁ କମ୍ପ୍ୟୁଟର ଶିକ୍ଷାଦାନ ବ୍ୟବସ୍ଥା ଅଛି ।

## ବିଜ୍ଞାନ ଶିକ୍ଷାଦାନ :

ବିଜ୍ଞାନ ଶିକ୍ଷାଦାନ ପାଇଁ ସ୍ୱତନ୍ତ୍ର ବିଜ୍ଞାନଗାରର ବ୍ୟବସ୍ଥା ଅଛି । ୧ମ ଶ୍ରେଣୀରୁ ୧୦ମ ଶ୍ରେଣୀ ଯାଏ ବିଷୟ ଅନୁସାରେ ବିଜ୍ଞାନ ବିଷୟ ପାଇଁ ବିଜ୍ଞାନ ଡିଗ୍ରୀଧାରୀ ଅନୁଭୂତି ସମ୍ପନ୍ନ ପ୍ରଶିକ୍ଷିତ ବିଜ୍ଞାନଶିକ୍ଷକ ନିଯୁକ୍ତ ଅଛନ୍ତି । ପ୍ରତିବର୍ଷ ବିଦ୍ୟାଳୟରେ ବିଜ୍ଞାନ ପ୍ରଦର୍ଶନୀ, ବିଜ୍ଞାନ କୁଇଜ୍ ଏବଂ ବିଜ୍ଞାନ ସମ୍ବନ୍ଧୀୟ ଅନ୍ୟ ପ୍ରତିଯୋଗିତାମାନ ଆୟୋଜନ କରାଯାଏ । ଶିକ୍ଷାବିକାଶ ସମିତି ତଥା ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗଦ୍ୱାରା ଆୟୋଜିତ ବିଜ୍ଞାନ ପ୍ରକଳ୍ପ, ବିଜ୍ଞାନ ପତ୍ରବାଚନ ଏବଂ ବିଜ୍ଞାନ କୁଇଜ୍ ପ୍ରତିଯୋଗିତାରେ ଆମର ଶିଶୁମାନେ ଭାଗନେଇଥାନ୍ତି ।

## ବିଶେଷ ଗଣିତ ଶିକ୍ଷା :

ଗଣିତରେ ଛାତ୍ରମାନଙ୍କର ଦକ୍ଷତା ବୃଦ୍ଧି ପାଇଁ ୧ମ ଶ୍ରେଣୀରୁ ମାନସାଙ୍କ ପ୍ରସୂନ ଓ ବୈଦିକ ଗଣିତ ଭଳି ଉଚ୍ଚ ମାନର ପୁସ୍ତକର ବ୍ୟବହାର ଓ ପ୍ରୟୋଗ କରାଯାଉଛି । ଏହାକୁ ସଫଳ ତଥା ପ୍ରତିଯୋଗୀ ମନୋଭାବ ବୃଦ୍ଧି କରିବା ନିମନ୍ତେ ପ୍ରାଦେଶିକ ସ୍ତରର ଭାରତୀକୃଷ୍ଣ ଗଣିତ ପ୍ରତିଭା ପ୍ରତିଯୋଗିତାର ଆୟୋଜନ କରାଯାଏ ଓ ବିଦ୍ୟାଳୟ ସ୍ତରରୁ ରାଷ୍ଟ୍ରୀୟ ସ୍ତର ଯାଏଁ ବୈଦିକ ଗଣିତ ପ୍ରଶ୍ନମଞ୍ଚ ପ୍ରତିବର୍ଷ ହୋଇଥାଏ ।

## ମେଧାବୃତ୍ତି ପରୀକ୍ଷା :

ଓଡ଼ିଶା ସରକାରଙ୍କ ଗଣଶିକ୍ଷା ବିଭାଗ ଦ୍ୱାରା ଅନୁଷ୍ଠିତ ସମସ୍ତ ପ୍ରକାର ବୃତ୍ତି ପରୀକ୍ଷା ସହିତ ଶିକ୍ଷା ବିକାଶ ସମିତିଙ୍କ ଦ୍ୱାରା ଆୟୋଜିତ ପ୍ରାଦେଶିକ ମେଧା ପରୀକ୍ଷା ଓ ଭାରତୀକୃଷ୍ଣ ଗଣିତ ପ୍ରତିଭା ପରୀକ୍ଷା ଦେଇ ଶିଶୁମାନେ ବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇପାରିବେ । ଏଥିପାଇଁ ବିଦ୍ୟାଳୟ ତରଫରୁ ଶିକ୍ଷା ବର୍ଷର ପ୍ରଥମାର୍ଦ୍ଧରୁ ବିଶେଷ ଶିକ୍ଷାଦାନର ବ୍ୟବସ୍ଥା କରାଯାଏ ।

## ଚିତ୍ରକଳା ଶିକ୍ଷା :

ଶିଶୁର ସୃଜନାତ୍ମକ କଳାର ବିକାଶ ପାଇଁ ଚିତ୍ରକଳାର ବିଶେଷ ଶିକ୍ଷାଦାନ ପ୍ରତି ରବିବାର ପ୍ରଶିକ୍ଷିତ ଆଚାର୍ଯ୍ୟଙ୍କ ଦ୍ୱାରା କରାଯାଏ ।

## ସାଧାରଣଜ୍ଞାନ ଶିକ୍ଷା :

ବର୍ତ୍ତମାନର ଦ୍ରୁତ ପ୍ରଗତିଶୀଳ ସମାଜରେ ନିଜର ସ୍ଥିତି ଜାହିର କରିବା ପାଇଁ ବିଷୟଗତ ଜ୍ଞାନ ସହ ସାଧାରଣଜ୍ଞାନ (G.K.) ଶିକ୍ଷାର ଆବଶ୍ୟକତା ରହିଛି । ଏ ଦିଗରେ ବିଶେଷ ଧ୍ୟାନ ସହ ସାଧାରଣଜ୍ଞାନ ବିଷୟକୁ ୧ମ ଶ୍ରେଣୀରୁ ମୁଖ୍ୟ ଶିକ୍ଷାଦାନ ବିଷୟ ରୂପେ ଗ୍ରହଣ କରାଯାଇଛି । ବିଦ୍ୟାଳୟସ୍ତରରୁ ଜାତୀୟ ସ୍ତର ଯାଏଁ ପ୍ରଶ୍ନମଞ୍ଚ (କୁଇଜ) ପ୍ରତିଯୋଗିତା ଆୟୋଜନ କରାଯାଏ ।

## ପରୀକ୍ଷା :

**ଶିଶୁବାଟିକା :** ଶିଶୁବାଟିକା ଶ୍ରେଣୀରେ ଶିକ୍ଷାଦାନ ପଦ୍ଧତି ଅନୌପଚାରିକ ହୋଇଥିବାରୁ ପରୀକ୍ଷା ପରିବର୍ତ୍ତେ ଶିଶୁଙ୍କ ପ୍ରଗତିକୁ ନିରୀକ୍ଷଣ କରି ପ୍ରତି ୩ ମାସ ଅନ୍ତରରେ ଅଭିଭାବକଙ୍କ ନିକଟକୁ 'ଶୁଶୁବିକାଶ ବିବରଣୀ' ପଠାଯାଏ ।

**୧ମରୁ ୯ମ ଶ୍ରେଣୀ :** ଶିଶୁର ଶୈକ୍ଷିକ ବିକାଶର ମୂଲ୍ୟାୟନ ପାଇଁ ବର୍ଷକୁ ୪ଟି ଏକକ ପରୀକ୍ଷା, ଅର୍ଦ୍ଧବାର୍ଷିକ ପରୀକ୍ଷା, ବାର୍ଷିକ ପରୀକ୍ଷା ଏହିପରି ୬ଟି ପରୀକ୍ଷାର ଆୟୋଜନ କରାଯାଇଥାଏ ।

**୧୦ମ ଶ୍ରେଣୀ :** ୧ଟି ଏକକ ଟେଷ୍ଟ, ପ୍ରିଟେଷ୍ଟ, ଟେଷ୍ଟ ଓ ପ୍ରି-ବୋର୍ଡ । ଏହିପରି ୪ଟି ପରୀକ୍ଷାର ଆୟୋଜନ କରାଯାଇଥାଏ ।

## ସହପାଠ୍ୟ କ୍ରିୟାକଳାପ :

**ପଞ୍ଚପଦୀ ଶିକ୍ଷା :** ଶିଶୁର ଶୈକ୍ଷିକ ବିକାଶ ସହ ଶାରୀରିକ ବିକାଶ ପାଇଁ ପଞ୍ଚପଦୀ ଶିକ୍ଷା ପ୍ରଚଳନ ଶିଶୁ ମନ୍ଦିର ଯୋଜନାର ଏକ ଅଭିନବ ସଫଳ ପ୍ରୟୋଗ । ଏଥିରେ ଶାରୀରିକ ଶିକ୍ଷା, ନୈତିକ ଶିକ୍ଷା, ଆଧାତ୍ମିକ ଶିକ୍ଷା, ସଂସ୍କୃତ ଶିକ୍ଷା ଓ ସଂଗୀତ ଶିକ୍ଷା ପାଇଁ ବାର୍ଷିକ ପାଠ୍ୟକ୍ରମ ପ୍ରସ୍ତୁତ କରାଯାଇ ଶିଶୁର ବିକାଶ ପାଇଁ ପ୍ରୟାସ କରାଯାଏ ।

## ଶାରୀରିକ ଶିକ୍ଷା :

ଶାରିରୀକ ବିକାଶ ପାଇଁ ୨ଜଣ ପ୍ରଶିକ୍ଷିତ ଆଚାର୍ଯ୍ୟଙ୍କୁ ନିଯୁକ୍ତ କରାଯାଇଛି । ଶ୍ରେଣୀ, ଗୃହ ତଥା ବିଦ୍ୟାଳୟ ସ୍ତରରୁ ଗେମ୍ସ ଓ ଆଥଲେଟକ୍ସ ଏପରି ଦୁଇଟି ବିଭାଗରେ ପ୍ରତିଯୋଗିତା ଆରମ୍ଭ ହୋଇ ଶିକ୍ଷା ବିକାଶ ସମିତି ତଥା ସରକାରଙ୍କ କ୍ରୀଡା ବିଭାଗ ଦ୍ୱାରା ଆୟୋଜିତ ଜାତୀୟସ୍ତର ଯାଏ ସମସ୍ତ କ୍ରୀଡା ପ୍ରତିଯୋଗିତାରେ ଆମର ଛାତ୍ରଛାତ୍ରୀମାନେ ଭାଗନେଇଥାନ୍ତି ।

## ସ୍କାଉଟ୍ / ଗାଇଡସ୍ :

ଷଷ୍ଠ ଶ୍ରେଣୀଠାରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଭାଇମାନଙ୍କ ନିମନ୍ତେ ଭାରତ ସ୍କାଉଟ୍ ଓ ଭଉଣୀମାନଙ୍କ ପାଇଁ ଭାରତ ଗାଇଡସ୍‌ର ବ୍ୟବସ୍ଥା ରହିଛି ।

## ମା' ସରସ୍ୱତୀ ସଂଗୀତ କଳା ନିକେତନ :

ବିଦ୍ୟାଳୟ ଯୋଜନାରେ ସଂଗୀତ, ବାଦ୍ୟଯନ୍ତ୍ର, ନୃତ୍ୟକଳା ଓ ଚିତ୍ରକଳାର ବିଶେଷ ଶିକ୍ଷାଦାନ ପ୍ରତି ରବିବାର ଦିନ ଚାଲୁଅଛି ।

## ଅନ୍ୟାନ୍ୟ ଶିକ୍ଷା :

ବିଦ୍ୟାଳୟ ସହପାଠ୍ୟ ଶିକ୍ଷାକ୍ରମରେ ନୀତିଶିକ୍ଷା, ଯୋଗ, ପ୍ରାଣାୟାମ, ଆସନ, ବ୍ୟାୟାମ, ସମତା ଆଦି ଶିକ୍ଷା ସହ ଘୋଷ (ଶାରୀରିକ ବାଦ୍ୟ) ଶିକ୍ଷାଦାନ କରାଯାଏ ।

## ପତ୍ରିକା :

ବିଦ୍ୟାଳୟରେ ଶିଶୁମାନଙ୍କର ମାସିକ ପତ୍ରିକା, ପ୍ରାଚୀରପତ୍ର (Wall Magazine) ଓ ବାର୍ଷିକ ମୁଖପତ୍ର 'ସ୍ୱର୍ଣ୍ଣାଦ୍ରି' ନିୟମିତ ପ୍ରକାଶ କରାଯାଇଥାଏ ।

## ଛାତ୍ର ସଂସଦ :

ଶିଶୁର ନେତୃତ୍ୱ ଗୁଣର ବିକାଶ ପାଇଁ ବିଦ୍ୟାଳୟରେ ପ୍ରାଥମିକ ସ୍ତରରେ ଶିଶୁ ଭାରତୀ ଓ ମାଧ୍ୟମିକ ସ୍ତରରେ ବାଲଭାରତୀ (Students Union) ଗଠନ କରାଯାଏ । ବିଦ୍ୟାମନ୍ଦିର ଛାତ୍ରୀମାନଙ୍କର ସ୍ୱତନ୍ତ୍ର କନ୍ୟାଭାରତୀ ମଧ୍ୟ ଅଛି । ଶିଶୁ ଭାରତୀ ପରିଚାଳିତ ସାପ୍ତାହିକ ଶିଶୁ ସଭାରେ ସମସ୍ତ ଶିଶୁଙ୍କର ଅନ୍ତର୍ନିହିତ ଗୁଣର ବିକାଶ ପାଇଁ ପ୍ରୟାସ କରାଯାଏ ।

## ଉତ୍ସବ :

ଶିଶୁମାନଙ୍କ ମନରେ ଦେଶପ୍ରେମ, ଈଶ୍ୱର ଭକ୍ତି, ଭ୍ରାତୃତ୍ୱଭାବ, ନୈତିକ ମୂଲ୍ୟବୋଧ ଏବଂ ମହାନ୍ ବ୍ୟକ୍ତିତ୍ୱ ଜାଗରଣ ପାଇଁ ବର୍ଷକ ମଧ୍ୟରେ ଆସୁଥିବା ମହାପୁରୁଷମାନଙ୍କର ଜୟନ୍ତୀ ସହ ବିଭିନ୍ନ ଉତ୍ସବ ଶିଶୁମନ୍ଦିର ପରିସରରେ ପାଳନ କରାଯାଏ ।

## ବାର୍ଷିକ ଉତ୍ସବ :

ଶୈକ୍ଷିକ ବିକାଶ ବ୍ୟତୀତ ଶିଶୁମାନଙ୍କ ସୃଜନ ଶକ୍ତିର ବିକାଶ ପାଇଁ ଏବଂ ଶିଶୁର ବୈଚାରିକ, ସାମାଜିକ ଓ ସାଂସ୍କୃତିକ ବିକାଶ ଏବଂ ନିଜ ମଧ୍ୟରେ ଲୁଚି ରହୁଥିବା କଳାର ବିକାଶ ଦୃଷ୍ଟିରୁ ପ୍ରତିବର୍ଷ ବାର୍ଷିକ ଉତ୍ସବର ଆୟୋଜନ କରାଯାଏ । ଏଥିରେ କୁନି କୁନି ଶିଶୁମାନଙ୍କ ଦ୍ୱାରା ସଂଗୀତ, ଲୋକନୃତ୍ୟ, ଅଭିନୟ ସଂଗୀତ, କ୍ଷୁଦ୍ର ନାଟକ ଇତ୍ୟାଦି ମଞ୍ଚସ୍ଥ କରାଯାଏ । ଏଥି ସହିତ ବାର୍ଷିକ କାର୍ଯ୍ୟକ୍ରମର ପୁରସ୍କାର ବଣ୍ଟନ କରାଯାଏ ।

## ପ୍ରତିଯୋଗିତା :

ଶିଶୁମାନଙ୍କ ମନରେ ପ୍ରତିଯୋଗିତା ମନୋଭାବ ବିକାଶ କରିବା ସହିତସେମାନଙ୍କ ମଧ୍ୟରେ ଲୁଚି ରହିଥିବା ଅନ୍ତର୍ନିହିତ ଗୁଣର ବିକାଶ କରିବା ଲକ୍ଷ୍ୟ ନେଇ ଶିକ୍ଷା ବର୍ଷ ମଧ୍ୟରେ କ୍ରୀଡା, ବିଜ୍ଞାନ, ଗଣିତ, ପ୍ରବନ୍ଧ ଓ ମାନସମନ୍ୱନ ଇତ୍ୟାଦି ବିଷୟରେ ପ୍ରତିଯୋଗିତା ବିଦ୍ୟାଳୟ, ସଂକୁଳ, ବିଭାଗ, ସଂଭାଗ, ପ୍ରାନ୍ତ ଓ ଅଖିଳ ଭାରତୀୟ ସ୍ତର ପର୍ଯ୍ୟନ୍ତ ବ୍ୟବସ୍ଥା ରହିଛି ।

## ସ୍ୱାସ୍ଥ୍ୟ ପରୀକ୍ଷା ବ୍ୟବସ୍ଥା :

ପ୍ରତିବର୍ଷ ବିଦ୍ୟାଳୟରେ ଅଭିଜ୍ଞ ଚିକିତ୍ସକମାନଙ୍କ ଦ୍ୱାରା ଶିଶୁମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ପରାମର୍ଶ କ୍ରମେ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯାଇଥାଏ ।

## ଅଭିଭାବକ ସମ୍ମିଳନୀ :

ପ୍ରଥମରୁ ଦଶମ ଶ୍ରେଣୀର ଶିଶୁମାନଙ୍କର ଶୈକ୍ଷିକ ବିକାଶର ସମୀକ୍ଷା ତଥା ଆବଶ୍ୟକ ମତାମତ ନିମନ୍ତେ ପ୍ରତିବର୍ଷ ଶ୍ରେଣୀ ଅନୁସାରେ ଅଭିଭାବକ ସମ୍ମିଳନୀର ଆୟୋଜନ କରାଯାଇଥାଏ । ପ୍ରତିମାସ ଶେଷ କାର୍ଯ୍ୟଦିବସର ସକାଳ ୯ଘଟିକାରୁ ୧୦ ଘଟିକା ଯାଏଁ ଶ୍ରେଣୀ ଅନୁସାରେ ବିଷୟ ଆଚାର୍ଯ୍ୟ ଆଚାର୍ଯ୍ୟା ଓ ଅଭିଭାବକଙ୍କ ବୈଠକ ହୋଇଥାଏ । ଏଥିରେ କେବଳ ଶୈକ୍ଷିକ ବିକାଶ ଦୃଷ୍ଟିରୁ ଆଲୋଚନା ହୁଏ ।

## ମାତୃ କର୍ମଶାଳା :

ଶିଶୁବାଟିକା ଶ୍ରେଣୀରେ ପ୍ରଚଳିତ ପାଠ୍ୟକ୍ରମ ଓ ଶିକ୍ଷାଦାନ ସହିତ ମାଆମାନଙ୍କୁ ପ୍ରତ୍ୟକ୍ଷଭାବେ ସଂପୃକ୍ତ କରାଇବା ଲକ୍ଷ୍ୟରେ ପ୍ରତିବର୍ଷ ବିଦ୍ୟାଳୟରେ ମାତୃ କର୍ମଶାଳା ଆୟୋଜନ କରାଯାଇଥାଏ ଓ ଶିଶୁ ଶିକ୍ଷା ସମ୍ପର୍କରେ ବିଭିନ୍ନ ପ୍ରଦର୍ଶନୀର ମଧ୍ୟ ଆୟୋଜନ କରାଯାଇଥାଏ ।

## ଅଭିଭାବକ ସଂପର୍କ କାର୍ଯ୍ୟକ୍ରମ :

ଶିଶୁର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସାମୂହିକ ଓ ବ୍ୟକ୍ତିଗତ ଯତ୍ନନେବା ଅନିବାର୍ଯ୍ୟ ଅଟେ । ଆଚାର୍ଯ୍ୟ/ ଆଚାର୍ଯ୍ୟାମାନେ ଶିଶୁର ଗୃହ ପରିଦର୍ଶନ କରି ସେମାନଙ୍କର ବ୍ୟକ୍ତିଗତ ଯତ୍ନ ନେବା ପାଇଁ ଅଭିଭାବଙ୍କର ସହାୟକ ହୁଅନ୍ତି । ଏହାଦ୍ୱାରା ପରିବାର ଓ ଅନୁଷ୍ଠାନ ମଧ୍ୟରେ ଏକ ପାରିବାରିକ ସଂପର୍କ ସୃଷ୍ଟି ହୁଏ ।

## ପୁସ୍ତକାଳୟ ଓ ସଂଗ୍ରହାଳୟ :

କୋମଳମତି ଶିଶୁମାନଙ୍କର ଜ୍ଞାନ ଅଭିବୃଦ୍ଧି ସକାଶେ ବିଦ୍ୟାଳୟରେ ପଠନ ଉପଯୋଗୀ ବହୁବିଧ ଗଳ୍ପ, କାହାଣୀ, ଜୀବନୀ, ନାଟକ, ଏକାଙ୍କିକା, ବେଦ ଓ ସଦ୍‌ଗ୍ରନ୍ଥ ଗଚ୍ଛିତ ରହିଛି । ଏହା ବ୍ୟତୀତ ଶିକ୍ଷାଦାନ ସମୟରେ ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିବା ପାଇଁ ତଥା ଶିକ୍ଷାର ବିକାଶ ଦୃଷ୍ଟିରୁ ଆବଶ୍ୟକ ଅନେକ ବସ୍ତୁ ସଂଗ୍ରହ କରାଯାଇ ସଂଗ୍ରହାଳୟରେ ରଖାଯାଇଛି ।

## ପାଠ୍ୟୋପକରଣ ବସ୍ତୁଭଣ୍ଡାର :

ଶିକ୍ଷାବିକାଶ ସମିତି ଦ୍ୱାରା ପ୍ରଚଳିତ ପାଠ୍ୟୋପକରଣ ଯଥା- ଖାତା, ବହି, ବେଲ୍‌ଟ ଇତ୍ୟାଦି ଶିଶୁର ନାମ ଲେଖା ପରେ ବିଦ୍ୟାଳୟ ତରଫରୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଉଚିତ ମୂଲ୍ୟରେ ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି ।

## ଗଣବେଶ :

ଶିଶୁ ମନ୍ଦିରର ଛାତ୍ରଛାତ୍ରୀମାନେ ନିର୍ଦ୍ଧାରିତ ଗଣବେଶ ପରିଧାନ କରି ବିଦ୍ୟାଳୟକୁ ଆସିବା ବାଧ୍ୟତାମୂଳକ ଅଟେ । ନିମ୍ନଲିଖିତ ପୋଷାକ ପରିଚ୍ଛଦ ବିଦ୍ୟାଳୟ ଗଣବେଶର ଅନ୍ତର୍ଭୁକ୍ତ ।

## କ) ବାଳକମାନଙ୍କର ଗଣବେଶ :

**ଶିଶୁ ପ୍ରାରମ୍ଭରୁ ୫ମ :** ଗାଢ଼ନୀଳ ରଙ୍ଗର ହାପ୍ ପ୍ୟାଣ୍ଟ, ଧଳା ହାପ୍ ସାର୍ଟ, ନାଲି ମୋଜା, କଳା ଜୋତା (କର୍କ) ଓ ନାଲି ବେଲ୍‌ଟ । ଶନିବାର ଦିନ (ଶାରୀରିକ ଗଣବେଶ) ଧଳାରଙ୍ଗର ହାଫ୍ ପ୍ୟାଣ୍ଟ, ଧଳା ହାଫ୍ ସାର୍ଟ ସହିତ ଧଳା ମୋଜା ଓ ଧଳାଜୋତା ।

**୬ଷ ଓ ୭ମ ଶ୍ରେଣୀ :** ନେଭିବ୍ଲୁ ଫୁଲ୍ ପ୍ୟାଣ୍ଟ, ଧଳା ହାଫ୍ ସାର୍ଟ ଓ ବେଲଟ୍ ନାଲି ରଙ୍ଗ ରହିବ । ଶନିବାର ଦିନ ସମସ୍ତ ଗଣବେଶ (ଜୋତା,ମୋଜା ମଧ୍ୟ) ଧଳା ରହିବ ।

**୮ମରୁ ୧୦ମ :** ଗାଢ଼ ନୀଳରଙ୍ଗର ଫୁଲ୍ ପ୍ୟାଣ୍ଟ, ଧଳା ହାଫ୍ ସାର୍ଟ, କଳାଜୋତା, ଧଳା ମୋଜା ଓ ଖଇରିଆ ବେଲ୍ଟ । ଶନିବାର ଦିନ (ଶାରୀରିକ ଗଣବେଶ) ଧଳାରଙ୍ଗର ଫୁଲ୍ ପ୍ୟାଣ୍ଟ, ଧଳା ହାଫ୍ ସାର୍ଟ ସହିତ ଧଳାମୋଜା ଓ ଧଳାଜୋତା ।

## ଖ) ବାଳିକାମାନଙ୍କର ଗଣବେଶ :

**ଶିକ୍ଷା ପ୍ରାରମ୍ଭରୁ ୫ମ :** ଗାଢ଼ନୀଳରଙ୍ଗର ଟିଉନିକ୍ ଫ୍ରକ୍, ଧଳା ହାପ୍ ସାର୍ଟ, ନାଲି ମୋଜା, କଳା ଜୋତା, ନାଲି ବେଲ୍ଟ, ନାଲି ରଙ୍ଗର ଚୁଡି ଓ ନାଲି ହେଡ୍ କ୍ଲିପ । ଶନିବାର ଦିନ (ଶାରୀରିକ ଗଣବେଶ) ଧଳାରଙ୍ଗର ଟିଉନିକ୍ ଫ୍ରକ, ଧଳା ହାପ୍ ସାର୍ଟ ସହିତ ଧଳାମୋଜା ଓ ଧଳା ଜୋତା ।

**୬ଷ ଓ ୭ମ ଶ୍ରେଣୀ :** ଧଳା ଚୁଡିଦାର, ନେଭିବ୍ଲୁ ପଞ୍ଜାବୀ, ଧଳା ଓଢଣୀ (ଚୁନୁରୀ) ବେଲଟ୍, ରିବନ୍, ଚୁଡି ବିନ୍ଦି ଓ ମୋଜା ଆଦି ନାଲିରଙ୍ଗ ଓ ଜୋତା କଳାରଙ୍ଗ । ଶନିବାର ଦିନ ସମସ୍ତ ଗଣବେଶ (ଜୋତା,ମୋଜା ମଧ୍ୟ) ଧଳା ରହିବ ।

**୮ମରୁ ୧୦ମ :** ଗାଢ଼ ନୀଳରଙ୍ଗର ହାଇନେକ୍ ପଞ୍ଜାବୀ, ଧଳା ସାଲୱାର, ଧଳା ଓଢ଼ଣୀ, କଳାଜୋତା, ଧଳାମୋଜା, ଧଳାଚୁଡି ଓ ଖଇରିଆ ବେଲ୍ଟ । ଶନିବାର ଦିନ (ଶାରୀରିକ ଗଣବେଶ) ଧଳା ରଙ୍ଗର ପଞ୍ଜାବୀ, ଧଳା ସାଲୱାର, ଧଳା ଓଢ଼ଣୀ, ଧଳା ଚୁଡି, ଧଳା ହେଡ୍ କ୍ଲିପ୍ ସହିତ ଧଳା ମୋଜା ଓ ଧଳା ଜୋତା ।

**ବିଦ୍ୟାଳୟ ଉତ୍ସବ ଦିବସରେ ଗଣବେଶ :** (ଧଳା, ଗାଢ଼ ନୀଳରଙ୍ଗ) ପିନ୍ଧି ଆସିବା ବାଧ୍ୟତାମୂଳକ ।

**ଶୀତ ଗଣବେଶ :** ପ୍ରାରମ୍ଭରୁ ୭ମ ନାଲି ସ୍ୱେଟର ଓ ୮ମରୁ ୧୦ ଖଇରିଆ ସ୍ୱେଟର ।

ସମୟ ସାରଣୀ : ବିଦ୍ୟାଳୟରେ ଦୁଇଟି ପର୍ଯ୍ୟାୟରେ ଶିକ୍ଷାଦାନ ଦେବାର ବ୍ୟବସ୍ଥା ଅଛି ।

**ଶିଶୁବାଟିକା :** ପ୍ରାତଃ ଘ.୬.୪୫ମି. ରୁ ଦିବା ୧୦.୧୫ମି.

**ପ୍ରାତଃ ପର୍ଯ୍ୟାୟ :** ପ୍ରାତଃ ଘ.୬.୩୦ମି. ରୁ ଦିବା ଘ.୧୦.୪୦ମି.

**ଦିବା ପର୍ଯ୍ୟାୟ :** ଦିବା ଘ.୧୦.୫୦ମି. ରୁ ଅପରାହ୍ଣ ଘ.୪.୨୫ମି.

## ଶୃଙ୍ଖଳା ଓ ସମୟାନୁବର୍ତ୍ତିତା :

ଶୃଙ୍ଖଳା ଓ ନିୟମାନୁବର୍ତ୍ତିତା ଜୀବନର ଏକ ଉତ୍ତମ ଶିକ୍ଷା । ଏହି ଗୁଣର ବିକାଶ ଦୃଷ୍ଟିରୁ ଶିଶୁ ବିଦ୍ୟାଳୟରେ ଠିକ୍ ସମୟରେ ପହଞ୍ଚିବା ଓ ଠିକ୍ ସମୟରେ ନିଜ କାମ କରିବା ଏକ ସଂସ୍କାର । ଏଣୁ ଶିଶୁ ପ୍ରତ୍ୟହ ପ୍ରାର୍ଥନାର ୧୦ମିନିଟ୍ ପୂର୍ବରୁ ପହଞ୍ଚିବା ଆବଶ୍ୟକ । ମୁଖ୍ୟ ଫାଟକ ପ୍ରାର୍ଥନା ଆରମ୍ଭ ହେଲେ ବନ୍ଦ କରାଯାଏ । ପ୍ରାର୍ଥନା ଆରମ୍ଭ ପରେ ଆସୁଥିବା ଶିଶୁଙ୍କୁ ବିଦ୍ୟାଳୟରେ ପ୍ରବେଶ ପାଇଁ ଅନୁମତି ମିଳିବ ନାହିଁ ।

## ଆବେଦନ କରିବା ପ୍ରଣାଳୀ ଓ ସମୟ :

ଶିଶୁ ବାଟିକାରେ ପ୍ରବେଶ ନିମିତ୍ତ ଅଭିଭାବକମାନଙ୍କୁ ନିର୍ଦ୍ଧାରିତ ପତ୍ରରେ ଆବେଦନ କରିବାକୁ ପଡିବ । ଆବେଦନପତ୍ର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କାର୍ଯ୍ୟାଳୟରୁ କାର୍ଯ୍ୟ ଦିବସମାନଙ୍କରେ ଡିସେମ୍ବର ୫ ତାରିଖ ଠାରୁ ୧୦ ଘଟିକାରୁ ଅପରାହ୍ନ ୨ଟା ମଧ୍ୟରେ ମିଳିପାରିବ । ଏହି ଆବେଦନର ପତ୍ରର ମୂଲ୍ୟ ୧୦୦ ଟଙ୍କା ରଖାଯାଇଛି । ଏହି ଆବେଦନପତ୍ର ସହ ଜନ୍ମଗତ ପ୍ରମାଣ ପତ୍ର କିମ୍ବା ଶିଶୁ ଜନ୍ମ ହୋଇଥିବା ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରମାଣପତ୍ର ଓ ବିଦ୍ୟାଳୟ ରସିଦ୍ ଦାଖଲ କରିବେ । ଆବେଦନ ପତ୍ରରେ ସମସ୍ତ ତଥ୍ୟ ନିର୍ଭୁଲ ରହିବା ଆବଶ୍ୟକ ଅଟେ ।

## ପ୍ରଶିକ୍ଷଣ :

ଅଭିଭାବକମାନେ ଶିଶୁଙ୍କର ଉପଯୁକ୍ତ ମାର୍ଗଦର୍ଶକ ହେବା ପାଇଁ ପ୍ରାରମ୍ଭ ଓ ବୋଧ ଶ୍ରେଣୀରେ ନାମ ଲେଖାଉଥିବା ଶିଶୁମାନଙ୍କ ମାତାପିତାଙ୍କର ପ୍ରଶିକ୍ଷଣ ବ୍ୟବସ୍ଥା ଗ୍ରହଣ କରାଯିବ । ଏହି ପ୍ରଶିକ୍ଷଣକୁ 'ଘର ହିଁ ବିଦ୍ୟାଳୟ' ନାମରେ ନାମିତ କରାଯାଇଛି ।

### ପ୍ରଥମ ପର୍ଯ୍ୟାୟ

**ଶିଶୁ ପରିଚୟ :** ୫.୧.୧୪ (ରବିବାର) ସମୟ ୧୦ଟାରୁ ୧ଟା
**ନାମଲେଖା** - ତା୯.୦୧.୧୪ରୁ ୧୦.୦୧.୧୪ତାରିଖ ସମୟ ୮ଟାରୁ ୧୧ଟା

### ଦ୍ୱିତୀୟ ପର୍ଯ୍ୟାୟ

**ଶିଶୁ ପରିଚୟ :** ତା୧୯.୦୨.୧୪ରିଖ (ରବିବାର) ସମୟ ୧୦ ଟାରୁ ୧ଟା
ନାମଲେଖା - ତା୨୦.୦୨.୧୪ ରୁ ୨୨.୦୨.୧୪ତାରିଖ ସମୟ ୮ଟାରୁ ୧୧ଟା
ଉଭୟ ପର୍ଯ୍ୟାୟର ନାମ ଲେଖା ହୋଇଥିବା ଶିଶୁର ପିତାମାତାମାନଙ୍କ ପ୍ରଶିକ୍ଷଣ ୨୩।୨।୧୪ରିଖ ରବିବାର ଦିନ ୯ ଘଟିକାରୁ ୨ ଘଟିକା ପର୍ଯ୍ୟନ୍ତ ହେବ ।

## ମାସିକ ଶୁଳ୍କ :

ସରସ୍ୱତୀ ଶିଶୁ ମନ୍ଦିରରେ ଶିଶୁମାନଙ୍କ ନିମନ୍ତେ ପ୍ରତିମାସରେ ଶିଶୁ ବିକାଶ ପାଣ୍ଠି (ମାସିକ ପାଠ୍ୟ ଶୁଳ୍କ) ନିଆଯାଏ । ଏହି ଶୁଳ୍କ ଶିଶୁ ମନ୍ଦିର ପରିଚାଳନା ସମିତି ଦ୍ୱାରା ନିର୍ଦ୍ଧାରଣ କରାଯାଇଥାଏ ।

# ଆମ ଶିଶୁ ବାଟିକା













## ଆମର ଲକ୍ଷ୍ୟ

ଏଭଳି ରାଷ୍ଟ୍ରୀୟ ଶିକ୍ଷା ପ୍ରଣାଳୀର ବିକାଶ କରିବାକୁ ହେବ ଯାହାଦ୍ୱାରା ଏପରି ଯୁବସମାଜ ନିର୍ମିତ ହୋଇପାରିବ ଯିଏ ହିନ୍ଦୁତ୍ୱନିଷ୍ଠ ଏବଂ ରାଷ୍ଟ୍ରଭକ୍ତିରେ ଓତପ୍ରୋତ ହୋଇଥିବ। ଶାରୀରିକ, ପ୍ରାଣିକ, ମାନସିକ, ବୌଦ୍ଧିକ ଏବଂ ଆଧ୍ୟାତ୍ମିକ ଦୃଷ୍ଟିରୁ ପୂର୍ଣ୍ଣ ବିକଶିତ ହୋଇଥିବ ତଥା ଜୀବନର ବର୍ତ୍ତମାନ ଆହ୍ୱାନଗୁଡ଼ିକୁ ସଫଳତା ପୂର୍ବକ ମୁକାବିଲା କରିପାରିବ ଓ ଯାହାର ଜୀବନ ଗ୍ରାମ, ବନ, ଗିରିକନ୍ଦର ଓ ଝୁଡ଼ିଆରେ ବାସ କରୁଥିବା ଦୀନ, ଦୁଃଖୀ, ଅଭାବଗ୍ରସ୍ତ ଆପଣାର ବନ୍ଧୁମାନଙ୍କୁ ସାମାଜିକ କୁସଂସ୍କାର, ଶୋଷଣ ଏବଂ ଅନ୍ୟାୟରୁ ମୁକ୍ତ କରାଇବା ସହ ରାଷ୍ଟ୍ର ଜୀବନକୁ ସମରସ, ସୁସମ୍ପନ୍ନ ଏବଂ ସୁସଂସ୍କୃତ କରିବା ପାଇଁ ସମର୍ପିତ ହୋଇଥିବ।

॥ ବିଦ୍ୟା ଭାରତୀ ॥
ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନ